**ଗ୍ରାମୀଣ କୃଷି ମୌସମ ସେବା, ଭବାନୀପାଟଣା, କଳାହାଣ୍ଡି**

**ଜିଲ୍ଲା ସ୍ତରୀୟ ପାଣିପାଗ ଭିତିକ କୃଷି ଉପଦେଶ ସେବା**

**ପଶ୍ଚିମ ମାଳ ଅଂଚଳ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , (ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ)**

**ଭବାନୀପାଟଣା**

---

**ପତ୍ର ସଂ - ୨୬** | **ସପ୍ତାହ- ୨୨** | **ତାରିଖ- ୩୧.୦୫.୨୦୧୯**

## <u>ପାଣିପାଗ ଭିତିକ କୃଷି ଉପଦେଶ - ନୂଆପଡା ଜିଲ୍ଲା ନିମନ୍ତେ</u>

**<u>ପାଣିପାଗ ପୂର୍ବାନୁମାନ - ୦୧.୦୬.୨୦୧୯ ରୁ ୦୫.୦୬.୨୦୧୯ ପର୍ଯ୍ୟନ୍ତ:</u>**

ଆସନ୍ତା **୦୧.୦୬.୨୦୧୯ ରୁ ୦୪ .୦୬.୨୦୧୯** ମଧ୍ୟରୁ ୦୨.୦୬.୨୦୧୯ ରେ ନୂଆପଡା ଜିଲ୍ଲାର କେତେକ ସ୍ଥାନ ରେ ସ୍ୱଳ୍ପ ମାତ୍ର ବର୍ଷା ହେବା ସମ୍ଭାବନା ଥିବା ସମୟରେ ଅନ୍ୟ ଚାରି ଦିନ ପାଗ ଶୁଖିଲା ରହିବା ସମ୍ଭବନରେ ଅଛି. ଏହି **ସମୟରେ ଆକାଶ ଅଙ୍ଗଶିକ ମେଘୁଆ ରହିବା ସମ୍ଭାବନା ଅଛି.** ପବନ **ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ** ଦିଗରୁ ଘଣ୍ଟା ପ୍ରତି **୦୦୫-୦୨୫ କି.ମି.** ବେଗ ରେ ବୋହିବା ସମ୍ଭାବନା ଅଛି.ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୪୩-୪୫ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୭ - ୨୮ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୩୪-୪୪ % ଓ ୧୧-୧୬ % ରହିବା ସମ୍ଭାବନା ଅଛି.

## <u>ପାଣିପାଗ ଭିତିକ କୃଷି ଉପଦେଶ</u>

- ଆଖୁ ଓ ପନିପରିବା ରେ ଜଳସେଚନ ଯୋଜନା ମାଟି ର ବତର କୁ କରନ୍ତୁ .
- ଫସଲ ରେ ଔଷଧ ସିଞ୍ଚନ ସିଞ୍ଚନ କରନ୍ତୁ.
- ପାକଳ ଫସଲ ଅମଳ କରନ୍ତୁ ଓ ବର୍ଷା ଜନିତ କ୍ଷତି ରୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ.
- ଖରାଟିଆ ଫସଲରେ ପାଣିର ଅଭାବ ହେବା ର ସମ୍ଭାବନା ଥିଲେ ଧାଡି ବୁଣା ଫସଲରେ ଗୋଟିଏ ଗୋଟିଏ ପାଣି ନାଳି ଚଡି ଅନ୍ୟ ନାଳି ରେ ଜଳସେଚନ କରନ୍ତୁ.
- ମାଟିରେ ବତର ରଖିବା ପାଇଁ ଗଛମୂଳକୁ ଶୁଖିଲା ପତ୍ର, ନଡା ଇତିଆଡ଼ି ଦ୍ଵାରା ଘୋଡାଇ ରଖନ୍ତୁ.
- ଖରିଫ ଫସଲରେ ମୃତିକା ପରୀକ୍ଷା ଅନୁଯାଇ ସାରା ପ୍ରୟୋଗ କରିବା ପାଇଁ ଜମି ରୁ ମାଟି ନମୁନା ସଂଗ୍ରହ କରି ନିକଟସ୍ଥ ମୃତିକା ପରୀକ୍ଷା କେନ୍ଦ୍ର ରେ ଦିଅନ୍ତୁ.

**<u>ଖରିଫ ଫସଲ ପାଇଁ ପ୍ରସ୍ତୁତି:</u>**

- ଖରିଫ ଫସଲରେ ମୃତିକା ପରୀକ୍ଷା ଅନୁଯାଇ ସାରା ପ୍ରୟୋଗ କରିବା ପାଇଁ ଜମି ରୁ ମାଟି ନମୁନା ସଂଗ୍ରହ କରି ନିକଟସ୍ଥ ମୃତିକା ପରୀକ୍ଷା କେନ୍ଦ୍ର ରେ ଦିଅନ୍ତୁ.
- ଭଲ ମୌସୁମୀ ବର୍ଷା ହେବା ପରେ ଢିପ ଜମିରେ ଯଥାଶୀଘ୍ର କପା, ମକା, ହାରଡ଼ ବୁଣନ୍ତୁ.
- କପା ଚାଷ ପାଇଁ ଉନ୍ନତ କିସମ ସୁରଜ, ସୁପ୍ରିୟା, ସୁରଭି ଇତିଆଡ଼ି ଏକରକୁ ୧.୪ କିଲୋଗ୍ରାମ ବିହନ ସଂଗ୍ରହ କରନ୍ତୁ. ଶଙ୍କର କିସମ ବନି , ଡେିନା,ଭାଷ୍କର,ନମସ୍କାର,ସିଂମା, ଚିରୁତ, ତାକତ ଇତିଆଡ଼ି ଏକର କୁ ୫୦୦ଗ୍ରାମ ସଂଗ୍ରହ କରନ୍ତୁ.
- ମକା ଚାଷ ପାଇଁ ଉନ୍ନତ କିସମ ଶକ୍ତି-୧, ନବଜଟ ଏକରକୁ ୬ କିଲୋଗ୍ରାମ ବିହନ ସଂଗ୍ରହ କରନ୍ତୁ. ଶଙ୍କର କିସମ ହ୍ୱିସେଲ , ପ୍ରବଳ, ପ୍ରୋୟାଗ୍ର ୪୬୪୩, ମେଗାନ, ମେଗାନ-ଜି, DKS- ୯୧୨୬ ଇତିଆଡ଼ି ଏକର କୁ ୮ କିଲୋଗ୍ରାମ ସଂଗ୍ରହ କରନ୍ତୁ.
- ହାରଡ଼ ଷ ପାଇଁ ଉନ୍ନତ କିସମ ଆଶା, laxmi, UPAS-120, ICPL-୮୮୦୩୯ ୮ କିଲୋଗ୍ରାମ ବିହନ ସଂଗ୍ରହ କରନ୍ତୁ.

ଡ଼ାଲୁଅ ଧାନ

- ମୁଖ୍ୟ ଜମି ରେ ରୁଆ ଯାଇଥିବା ଧାନ ବର୍ତମାନ ମଞ୍ଜି ପାକଳ ଅବସ୍ଥାରେ ଅଛି ଅବସ୍ଥାରେ ଅଛି.
- ପାକଳ ଧାନ ଅମଳ କରୀ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ.

ଆଖୁ :

- ଆଖୁ ବର୍ତମାନ ଅଂଗିୟା ବୃଦ୍ଧି (୧୪-୧୬ ସପ୍ତାହ)ଅବସ୍ଥା ରେ ଅଛି. ଏହି ସମୟରେ ୧୦ ଦିନ ଅନ୍ତର ରେ ଜଳସେଚନ କରନ୍ତୁ.
- ଏହିସମୟରେ ସହଲା କାନ୍ଦ ବିନ୍ଧ ପୋକ ଲାଗିବାର ସମ୍ଭାବନା ଅଛି. ଏହାର ନିଅନ୍ତ୍ରଣା ପାଇଁ ଏକରକୁ ୪୦୦ ମିଳି ପ୍ରଫେନଫସ ଔଷଧକୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.

ପ୍ରାଣୀ ସମ୍ପଦ:

- ଦିନ ର ତାପମାତ୍ରା ୪୩-୪୫ ଡ଼ିଗ୍ରୀ ପର୍ଯ୍ୟନ୍ତ ରହିବା ସମ୍ଭବନରେ ଥିବାରୁ ଗୃହ ପାଳିତ ପଶୁ ଙ୍କୁ ଦିନ ୧୧ଟା ରୁ ୪ଟା ପର୍ଯ୍ୟନ୍ତ ଛାଇ ରେ ରଖନ୍ତୁ ଓ ପିଇବା ପାଇଁ ଥଣ୍ଡା ପାଣି ଓ ତୋରାଣି ଦିଅନ୍ତୁ.କୁକୁଡ଼ା ଘର ଚାରିପଟେ ଅଖା ବାନ୍ଧନ୍ତୁ ଓ ଦିନରେ ଦୁଇ ତିନି ଥର ପାଣି ସିଞ୍ଚି ଅଖା କୁ ଓଦାରଖନ୍ତୁ.

ମତ୍ସ୍ୟ ଚାଷ :

- ମାଛ ଚାଷ ହୋଇଥିବା ପୋଖରୀ ପାଣି ତାପମାତ୍ରା ୩୦ ଡିଗ୍ରୀ ସେ. ରୁ ଅଧିକ କିମ୍ବା ପାଣି ର ଗଭୀରତା ୧ ମିଟର ରୁ କମି ଗଲେ ମାଛ ଧରି ନିଅନ୍ତୁ.

**ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଓ ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**

**ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଓ ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**